# ଆରମ୍ଭ ପୂର୍ବରୁ ଅବ୍ୟବସ୍ଥା

ଢେଙ୍କାନାଳ ଅଫିସ, ୧୮।୧୨

ବିହନ ବୁଣିବା ବେଳକୁ ବର୍ଷାର ଦେଖାମିଳିଲାନି। କେଣ୍ଡା ବାହାରିବାଠାରୁ ଧାନ ପାଚିବା ଯାଏ ତୁହାକୁ ତୁହା ଲଘୁଚାପଜନିତ ଲଗାଣବର୍ଷା ଏବଂ ଡିସେମ୍ବରରେ ସାମୁଦ୍ରିକ ଝଡ଼ 'ଜୱାଦ' ଫସଲ ଉପରେ ସାଧିଲା ଦାଉ। ବଡ଼ କଷ୍ଟରେ ପାଣିରୁ ଛାଣି ଫସଲ ଅମଳ କରି ମଣ୍ଡିକୁ ଆଣିବା ପୂର୍ବରୁ ଏବେ ନୂଆ ସମସ୍ୟା ଭାବେ ଉଭା ହୋଇଛି ସମବାୟ ସମିତି ସମ୍ପାଦକଙ୍କ ଆନ୍ଦୋଳନ। ଫଳରେ ଢେଙ୍କାନାଳ ଜିଲାରେ ଖରିଫ୍ ଧାନ ସଂଗ୍ରହ ବିଳମ୍ବିତ ହେବା ଏକପ୍ରକାର ସ୍ପଷ୍ଟ ହୋଇଛି, ଯାହାକୁ ନେଇ ଚାଷୀଙ୍କ ଚିନ୍ତା ଆହୁରି ବଢ଼ିଯାଇଛି।

ଜିଲାରେ ଡିସେମ୍ବର ୨୦ରୁ ଖରିଫ୍ ଧାନକିଣା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଗତ ନଭେମ୍ବର ୧୧ରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଥିଲା। ହେଲେ ଡିସେମ୍ବର ପ୍ରଥମ ସପ୍ତାହରେ ଲଘୁଚାପ ବର୍ଷା ପାଇଁ ଧାନଅମଳ ପ୍ରଭାବିତ କରିଛି। ଅନ୍ୟପଟେ ସରକାରୀ ମାନ୍ୟତା ଦାବିରେ ଓଡ଼ିଶା ସମବାୟ କର୍ମଚାରୀ ମହାସଂଘ ଡାକରାରେ ରାଜ୍ୟର ୨,୭୦୮ ପାକ୍ସ, ଲାମ୍ପସର କର୍ମଚାରୀ ଆନ୍ଦୋଳନ ଜାରି ରଖିଛନ୍ତି। ଟୋକନ୍ ମଧ୍ଯ ଆସିନାହିଁ। ଫଳରେ ୨୦ ତାରିଖ (ସୋମବାର)ଠାରୁ ଧାନ କିଣା ଆରମ୍ଭ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଅପରପକ୍ଷେ ଧାନ ଖରିଦରେ ଯେପରି କୌଣସି ଅସୁବିଧା ନ ହୁଏ, ସେଥିଲାଗି ବିକଳ୍ପ ବ୍ୟବସ୍ଥା କରିବାକୁ ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏ ଯାଏ ଜିଲା ପ୍ରଶାସନ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଏପଟେ ସମବାୟ ଉପନିବନ୍ଧକ ଆନ୍ଦୋଳନରତ ସମ୍ପାଦକଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ସମାଧାନର ବାଟ ନ ବାହାରିଲେ ଆସନ୍ତା ସୋମବାର ଜିଲାପାଳଙ୍କ ଅଧ୍ଯକ୍ଷତାରେ ଜରୁରୀ ବୈଠକ ବସିବ ଏବଂ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି।


ପାଣିରେ ବୁଡ଼ି ରହିଥିବାରୁ ଧାନ ଅମଳ ହୋଇପାରିନାହିଁ।

- ଆନ୍ଦୋଳନରେ ସୋସାଇଟି ସମ୍ପାଦକ
- ଜିଲାରେ ବିଳମ୍ବିତ ହେବ ଧାନକିଣା
- ଅମଳ ଫସଲ ବିକିବା ଚିନ୍ତାରେ ଚାଷୀ

### ୪୦ ପ୍ରତିଶତ ଧାନ ବିଲରେ ପଡ଼ିଛି

"ଲଗାଣବର୍ଷା ଯୋଗୁ ଜିଲାରେ ଧାନ ଅମଳ ବିଳମ୍ବ ହୋଇଛି। ପ୍ରାୟ ୪୦ ପ୍ରତିଶତ ଧାନ ବିଲରେ ପଡ଼ିଛି। ଧାନ ଅମଳ ହେବାର ୫ଦିନ ଯାଏ ଜଳୀୟ ଅଂଶ ଶୁଖିବା ଲାଗି ବିଲରେ ରଖାଯାଇଥାଏ। ତେଣୁ ଧାନକିଣା ପ୍ରକ୍ରିୟାକୁ ୭ଦିନ ଘୁଞ୍ଚାଇବା ପାଇଁ ଜିଲାପାଳଙ୍କୁ ଅବଗତ କରାଯାଇଛି।

-ଅଂଶୁମାନ ପଟ୍ଟନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ

### ସୋମବାର ବୈଠକରେ ନିଆଯିବ ନିଷ୍ପତ୍ତି

"ଲଗାଣ ବର୍ଷା ଏବଂ ସୋସାଇଟି ସମ୍ପାଦକଙ୍କ ଆନ୍ଦୋଳନ ପାଇଁ ଧାନ କିଣା ପ୍ରକ୍ରିୟା ନିର୍ଦ୍ଧାରିତ ତାରିଖରେ ଆରମ୍ଭ ହୋଇପାରିବ ନାହିଁ। ସମ୍ପାଦକମାନେ ସହଯୋଗ ନ କଲେ ବିକଳ୍ପ ବ୍ୟବସ୍ଥା ପାଇଁ ସୋମବାର ଜିଲାପାଳଙ୍କ ଅଧ୍ଯକ୍ଷତାରେ ବୈଠକ ବସି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ।

-ସଂଗ୍ରାମ କେଶରୀ ରାଉତ, ସମବାୟ ବିଭାଗ ଉପନିବନ୍ଧକ

### ୧୧.୩ ଲକ୍ଷ କୁଇଣ୍ଟାଲ ସଂଗ୍ରହ ଲକ୍ଷ୍ୟ

ଖରିଫ୍ ଋତୁରେ ଢେଙ୍କାନାଳ ଜିଲାରୁ ୧୧ଲକ୍ଷ ୩୦ହଜାର ୮୮୨ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ମୋଟ୍ ୪୯ ହଜାର ୩୫୮ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସେହିପରି ୮୯ ମଣ୍ଡି ଖୋଲାଯିବାକୁ ନିଷ୍ପତ୍ତି ହୋଇଥିବାବେଳେ ୭ ଏସ୍ଏଚ୍‌ଜିକୁ ଧାନକିଣା ପ୍ରକ୍ରିୟାରେ ସାମିଲ କରାଯାଇଛି। ଗତବର୍ଷ ଲକ୍ଷ୍ୟ ପୂରଣ ପରେ ବି ଧାନ ବଳିପଡ଼ିଥିଲା। ପୁନର୍ବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲେ ହେଁ ଟୋକନ ଆସି ନ ଥିଲା। ବିଭିନ୍ନ ସ୍ଥାନରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ଚଳିତବର୍ଷ ପ୍ରଶାସନ ଧାନକ୍ରୟ ବ୍ୟବସ୍ଥିତ କରିବା ଲାଗି ଆଗୁଆ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ କର୍ମଚାରୀଙ୍କ ସମସ୍ୟା ଆଲୋଚନା

**ଢେଙ୍କାନାଳ ଅଫିସ, ୧୮।୧୨:** ଢେଙ୍କାନାଳ ଡିଭିଜନ ଅନ୍ତର୍ଗତ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ବାର୍ଷିକ ସାଧାରଣ ବୈଠକ ପଙ୍କଜ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଅମର ପ୍ରତାପ ସିଂ, ସର୍କଲ ସମ୍ପାଦକ ପ୍ରାଣବନ୍ଧୁ ମହାନ୍ତି, ଡିଭିଜନ ସମ୍ପାଦକ ବିକାଶ ସାହୁ, ସୁରେନ୍ଦ୍ର ଦାସ, ଶିଶିର ସାହୁଙ୍କ ସମେତ ବିଭିନ୍ନ ବର୍ଗର ୨୪୦ କର୍ମଚାରୀ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଦରମା ବୃଦ୍ଧି, ବରିଷ୍ଠତା ଭିତ୍ତିରେ ରେଗୁଲାର କରିବା, ପେଟ୍ରୋଲ୍ ଖର୍ଚ୍ଚ ବାବଦକୁ ୨୦୦୦ ଟଙ୍କା ପ୍ରଦାନ ଆଦି ଦାବି ଉପସ୍ଥାପନ କରାଯାଇଥିଲା। ୨୦୨୨ ପାଇଁ ଡିଭିଜନ ସମ୍ପାଦକ ଭାବେ ମୃତ୍ୟୁଞ୍ଜୟ ପ୍ରଧାନ, ଉପସମ୍ପାଦକ ଉପେନ୍ଦ୍ର ମାହୁନ୍ତ, ସଙ୍ଗଠନ ସମ୍ପାଦକ ମହେଶ୍ୱର ପରିଡ଼ା, ସହକାରୀ ସଙ୍ଗଠନ ସମ୍ପାଦକ ସଞ୍ଜୀବ ଶତପଥୀ, ସମୀର ନାୟକ, ବିଜୟ ବାରିକ ଏବଂ କୋଷାଧ୍ୟକ୍ଷ ଭାବେ ବିକାଶ ସାହୁ ନିର୍ବାଚିତ ହୋଇଛନ୍ତି।

### ଏଏପିର ବ୍ଲକ କମିଟି ଗଠିତ

**ଢେଙ୍କାନାଳ ଅଫିସ, ୧୮।୧୨:** ଆମ୍ ଆଦମୀ ପାର୍ଟି (ଏଏପି)ର ଢେଙ୍କାନାଳ ସଦର ବ୍ଲକ କମିଟି ବୈଠକ ଶନିବାର କଚେରି ରୋଡ଼ସ୍ଥିତ ଦଳର ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଆବାହକ ପଙ୍କଜ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକ ସଭାପତି ଭାବେ ବିଷ୍ଣୁ ପ୍ରସାଦ ପଣ୍ଡା, ଉପସଭାପତି ଅନିଲ ସାମଲ, ମହିଳା ସଭାନେତ୍ରୀ ବାସନ୍ତୀ ସ୍ୱାଇଁ, ଉପସଭାନେତ୍ରୀ ସୁକାନ୍ତି ସାହୁ, ସମ୍ପାଦକ ଲିଙ୍ଗରାଜ ସାହୁ, ଛାତ୍ର ନେତା ସୌମ୍ୟରଞ୍ଜନ ମହାପାତ୍ରଙ୍କ ସମେତ ୨ ଜିଲା ପରିଷଦ ଜୋନ୍‌ର ସଭାପତି ଚୟନ କରାଯାଇଥିଲା। ବାବୁଲା ଖିଲାର, ଉମ୍ବରୁଧର ନାୟକ, ବିନୟ ସାହୁ, ବ୍ରଜବନ୍ଧୁ ସାହୁ, ସଦାନନ୍ଦ ଦାସ, ନିତ୍ୟାନନ୍ଦ ଦାସ, ରମେଶ ଦେହୁରୀ, ଗଗନ ବିହାରୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ପୌରାଞ୍ଚଳ ମହିଳା ସଭାନେତ୍ରୀ ତୃପ୍ତିମୟୀ ଦେବୀ ଧନ୍ୟବାଦ ଦେଇଥିଲେ।

### 'ରାଜଯୋଗ ଅଭ୍ୟାସ ଶାନ୍ତି ଦିଏ'

**ଢେଙ୍କାନାଳ ଅଫିସ, ୧୮।୧୨:** ଢେଙ୍କାନାଳ ଜିଲା ହରିପୁର ଶାଖା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର ବିଶ୍ୱଶାନ୍ତି ସ୍ଥାପନ ପାଇଁ ସକାରାତ୍ମକ ଚିନ୍ତନ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ବ୍ରହ୍ମକୁମାରୀ ସଂସ୍ଥା ସବ୍‌ଜୋନ୍ ଇନ୍‌ଚାର୍ଜ ରାଜଯୋଗିନୀ ବ୍ରହ୍ମାକୁମାରୀ ଲୀନା, ସମ୍ମାନିତ ଅତିଥି ଯୋଦ୍ଧା ସିଂ, ରାଜେଶ, କାମାକ୍ଷାନଗର ମୁଖ୍ୟ ସଞ୍ଚାଳିକା ପ୍ରଭା, ପାଲଲହଡ଼ା ମୁଖ୍ୟ ସଞ୍ଚାଳିକା ସଖୀ ପ୍ରମୁଖ ଯୋଗଦେଇଥିଲେ। ମଣିଷର ବିପରୀତ କାର୍ଯ୍ୟଧାରା ପ୍ରକୃତି ପାଇଁ କଷ୍ଟଦାୟକ ହୋଇଛି। ଏହା ହିଁ ଦୁଃଖ, ଶୋକର କାରଣ ପାଲଟିଛି। ଆଧାତ୍ମିକବାଦୀ ରାଜଯୋଗ ଅଭ୍ୟାସ ଦ୍ୱାରା ଏଥିରୁ ମୁକ୍ତି ମିଳିବ। ପ୍ରଭୁ ଚିନ୍ତନ, ସାତ୍ତ୍ୱିକ ଭୋଜନ ଆପଣାଇଲେ ପରିବାରରେ ସୁଖଶାନ୍ତି ଫେରିଆସିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ହରିପୁର ମୁଖ୍ୟ ସଞ୍ଚାଳିକା ରୀତା, ଅର୍ଚ୍ଚନା, ବସନ୍ତ, ଗ୍ରାମ ସଭାପତି ରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅସନ୍ତୋଷ ବ୍ୟକ୍ତ କଲେ କୁକୁଡ଼ା ଫାର୍ମ ମାଲିକ

**ଢେଙ୍କାନାଳ ଅଫିସ, ୧୮।୧୨:** ଢେଙ୍କାନାଳ ଜିଲା କୁକୁଡ଼ା ଫାର୍ମ ମାଲିକ ସଂଘର ଏକ ବୈଠକ ଅଶ୍ୱିନୀ ବରାଳଙ୍କ ସଭାପତିତ୍ୱରେ ସଦର ବ୍ଲକ ଗେଙ୍ଗୁଟିଆଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଂଘର ରାଜ୍ୟ ଆବାହକ ନୀଳାଚଳ ପରିଡ଼ା ଯୋଗଦେଇ କହିଲେ, ସାମ୍ପ୍ରତିକ ସ୍ଥିତିରେ ଫାର୍ମ ମାଲିକମାନେ ଚୁକ୍ତିଭିତ୍ତିରେ କୁକୁଡ଼ା ଚାଷ କରୁଛନ୍ତି। ହେଲେ କମ୍ପାନୀ ମାଲିକମାନେ ସେମାନଙ୍କୁ ଠିକ୍ ଭାବେ ପ୍ରାପ୍ୟ ଦେଉନାହାନ୍ତି। ଏହାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସରକାର ଫାର୍ମ ମାଲିକଙ୍କୁ ଚିହ୍ନଟ କରି ମୌଳିକ ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ ସେ ଦାବି କରିଥିଲେ। ଆଗକୁ ମାଲିକମାନେ ଏକଜୁଟ୍ ହୋଇ ପ୍ରାପ୍ୟ ପାଇଁ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ହୋଇଛି। ଏହି ଉପଲକ୍ଷେ ଜିଲାର ୮ ବ୍ଲକ ପାଇଁ ସଂଯୋଜକ ଚୟନ କରାଯାଇଥିଲା। ରମେଶ ମିଶ୍ର, ବିକାଶ ନାଥ, ନରେନ୍ଦ୍ର ଖଟୁଆଙ୍କ ସମେତ ବହୁ ଫାର୍ମ ମାଲିକ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ୭୬ ୟୁନିଟ୍ ରକ୍ତ ସଂଗ୍ରହ



ଢେଙ୍କାନାଳ ଅଫିସ, ୧୮।୧୨

ଢେଙ୍କାନାଳ ସ୍କାଉଟ୍ସ, ଗାଇଡ୍ସ ଶାଖା ପକ୍ଷରୁ ଶନିବାର ସ୍ଥାନୀୟ ଲକ୍ଷ୍ମୀଧର ମ୍ୟୁନିସିପାଲ୍ ହାଇସ୍କୁଲ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୭୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ବିଧାୟକ ସୁଧୀର କୁମାର ସାମଲ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସମ୍ମାନିତ ଅତିଥି ଡିଇଓ ନିବେଦିତା ପାଣି, ରେଡ୍‌କ୍ରସ୍ ଉପାଧ୍ୟକ୍ଷ ବିରଞ୍ଚି ନାରାୟଣ ପାଣି, ଜିଲା ସ୍କାଉଟ୍ସ ଓ ଗାଇଡ୍ସ ସମ୍ପାଦିକା ସୌଦାମିନୀ ଦାସ, ବିଇଓ ବ୍ରହ୍ମାନନ୍ଦ ରାଉତ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରାଇଥିଲେ। ଜିଲା ରକ୍ତଭଣ୍ଡାର ଡାକ୍ତର ଜୟନାରାୟଣ ପାଢ଼ୀଙ୍କ ନେତୃତ୍ୱରେ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଏବିଇଓ ଅଦ୍ୱୈତ ସାମଲ, ଦେବବ୍ରତ ନାଥ, ଅସିତ୍ ମିଶ୍ର, ପବିତ୍ର ବିଶ୍ୱାଳ, ବିଷ୍ଣୁ ମଲ୍ଲିକ, ସ୍କାଉଟ୍ସ ଓ ଗାଇଡ୍ସ ତାଲିମ କମିଶନର ନରେଶ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

# ସରିଲା ସାଂସ୍କୃତିକ ମହୋତ୍ସବ

## ଲୋକନୃତ୍ୟ, ସଂକୀର୍ତ୍ତନରେ ମଞ୍ଚ ଦୁଲୁକିଲା

ଢେଙ୍କାନାଳ ଅଫିସ, ୧୮।୧୨

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍ ପରିସରରେ 'ଶୁଭମ୍' ଅନୁଷ୍ଠାନ ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା ଜିଲାସ୍ତରୀୟ 'ଶୁଭମ୍ ସାଂସ୍କୃତିକ ମହୋତ୍ସବ ଓ ଲୋକ ସଂସ୍କୃତି ପର୍ବ' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ 'ଭାରତର ସାଂସ୍କୃତିକ ବିଚାରଧାରା' ଶୀର୍ଷକ ଆଲୋଚନାଚକ୍ରରେ ବରିଷ୍ଠ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣା ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ପୁଷ୍ପଲତା ରଥ, ଡ. ଭବାନୀ ଶଙ୍କର ମିଶ୍ର, ରାଜ୍ୟ ଲୋକକଳା ସଂଘ ଉପସଭାପତି ଅବନୀ ମିଶ୍ର, ଶୁଭମ୍ ଅନୁଷ୍ଠାନ ସମ୍ପାଦକ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦିଲ୍ଲୀଶ୍ୱର ମହାରଣା, ଅବନୀ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଦକ୍ଷିଣକାଳୀ ମହିଳା ମଣ୍ଡଳୀ, ଜାମୁଚକଡ଼ା, କାଣ୍ଡବିନ୍ଧାର କୀର୍ତ୍ତନମଣ୍ଡଳୀ ନାମ ସଂକୀର୍ତ୍ତନ ଏବଂ କାଣ୍ଡବିନ୍ଧାର ମା' ଶାକମ୍ଭରୀ ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ପରିଷଦ ପକ୍ଷରୁ ପାଲା ପରିବେଷଣ କରାଯାଇଥିଲା। ଲୋକନୃତ୍ୟ, ସଂକୀର୍ତ୍ତନରେ ମଞ୍ଚ ଦୁଲୁକି ଉଠିଥିଲା।

ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର, ସମ୍ମାନିତ ଅତିଥି ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ବିଡିଓ ସୁଧୀର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ସଙ୍ଗୀତ ଗୁରୁ ବ୍ରଜବନ୍ଧୁ ରଣସିଂ, ଚିତ୍ରକାର ବିଜୟ ସ୍ୱାଇଁ, ଲାୟନ୍ସ କ୍ଲବ୍ ଜିଲା ପ୍ରଶାସକ ପ୍ରଭାତ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। 'ନୃତ୍ୟ ନୃତ୍ୟାଙ୍ଗନା' ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବାବେଳେ ଅନୁଷ୍ଠାନର ମୁଖ୍ୟ ସଂଯୋଜକ ଶୁଭସଂକଳ୍ପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



'ଶୁଭମ୍ ସାଂସ୍କୃତିକ ମହୋତ୍ସବ ଓ ଲୋକ ସଂସ୍କୃତି ପର୍ବ'ରେ ମଞ୍ଚାସୀନ ଅତିଥିମାନେ।


ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳରେ ଶନିବାର ପ୍ରବଳ ଶୀତ ଅନୁଭୂତ ହେଉଥିବାବେଳେ ଲୋକମାନେ ଧୁନି ଜଳାଇଛନ୍ତି।


ପଞ୍ଚାୟତ ନିର୍ବାଚନ ପାଇଁ ଅନୁଗୋଳରେ ଇଭିଏମ୍। (ଫଟୋ: ବୁବୁ)

# ପ୍ରକାଶହରି ମେମୋରିଆଲ କ୍ରିକେଟ: ସ୍ୱାଇଲ୍-୧୧ ବିଜୟୀ

ଗଁଦିଆ, ୧୮।୧୨

ଗଁଦିଆ ବ୍ଲକ ଯୋରନ୍ଦାସ୍ଥିତ ମହାବୀର ଖେଳପଡ଼ିଆରେ ଶନିବାରଠାରୁ ଆରମ୍ଭ ହୋଇଛି ପ୍ରଥମ ପ୍ରକାଶହରି ମେମୋରିଆଲ କ୍ରିକେଟ ପ୍ରତିଯୋଗିତା। ଅତିଥି ଭାବେ ସାମାଜିକ କର୍ମୀ ପଞ୍ଚାନନ ସ୍ୱାଇଁ, ପ୍ରଦୀପ କୁମାର ସାହୁ ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ କଟକ ସ୍ୱାଇଲ-୧୧ ଦଳ ୯ ଉଇକେଟରେ ଢେଙ୍କାନାଳକୁ ପରାସ୍ତ କରିଛି। ଢେଙ୍କାନାଳ ପ୍ରଥମେ ବ୍ୟାଟିଂ କରି ୧୭.୨ ଓଭରରେ ୧୧୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସୀତାକାନ୍ତ ୩୭ ରନ୍ କରିଥିଲେ। ଜବାବରେ କଟକ ୯.୫ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରି ନେଇଥିଲା। ୨୯ ବଲରୁ ୫୭ ରନ୍ କରିଥିବା ବିଜୟୀ ଦଳର ଉତ୍ତମ ମହାନ୍ତି 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ସତ୍ୟଜିତ୍ ନାୟକ, ଉଦୟନାଥ ରାଉତ ଅମ୍ପାୟାରିଂ କରିଥିବାବେଳେ ଅଗ୍ନିଦୀପ ନାୟକ, ବିକାଶ ବେହେରା ସ୍କୋରର ରହିଥିଲେ। ପୂର୍ବତନ ସରପଞ୍ଚ ସର୍ବେଶ୍ୱର ନାୟକ, ରବିନାରାୟଣ ପ୍ରଧାନ, ରଞ୍ଜନ ନାୟକ, ପ୍ରତାପ ଷଡ଼ଙ୍ଗୀ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରାଇଥିଲେ।


ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

# ଏକୁଲରେ ଖୁବ୍‌ଶୀଘ୍ର ବିଏସ୍ଏନ୍ଏଲ୍ ସେବା

କାମାକ୍ଷାନଗର, ୧୮।୧୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲାର ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକର ଦୁର୍ଗମ କାନ୍ତୋଲ ପଞ୍ଚାୟତର କଳେବର ବଦଳାଇବାକୁ ଆରମ୍ଭ ହୋଇଛି ପ୍ରଶାସନିକ ପ୍ରୟାସ। ଶନିବାର ଜିଲାପାଳ ସରୋଜ କୁମାର ସେଠୀ ପ୍ରଶାସନିକ ଅଧିକାରୀଙ୍କ ସହିତ କୋଟ, ସେକୁଲ, ଏକୁଲ ଏବଂ ପୁଙ୍ଗିପାଳ ଗ୍ରାମରେ ପହଞ୍ଚି ଅଞ୍ଚଳବାସୀଙ୍କ ସମସ୍ୟା ବୁଝିଛନ୍ତି। ଏଥିସହ ଲୋକମାନେ କିଭଳି ହାତପାଆନ୍ତାରେ ସରକାରୀ ସୁବିଧା ପାଇପାରିବେ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ମୋବାଇଲ୍ ନେଟ୍‌ୱର୍କ ଅପହଞ୍ଚ ଥିବା ଏକୁଲରେ ଖୁବ୍‌ଶୀଘ୍ର ବିଏସ୍ଏନ୍ଏଲ୍ ଟାୱାର ବସାଯାଇ ସେବା ଆରମ୍ଭ ହେବ ବୋଲି ଜିଲାପାଳ ଆଶ୍ୱାସନା ଦେଇଛନ୍ତି।

ଜିଲାପାଳ ପ୍ରଥମେ କୋଟ ଗ୍ରାମରେ ପହଞ୍ଚି ୧୨ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ସମସ୍ତ ଭୂମିହୀନ ଗରିବ ପରିବାରକୁ କିପରି ପଟ୍ଟା ପ୍ରଦାନ କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ଏହାପରେ ସେକୁଲ ଗାଁରେ ପହଞ୍ଚି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ଏକୁଲ ଗ୍ରାମରେ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ଶୁଭାରମ୍ଭ କରିଥିଲେ। ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ଉପଲବ୍ଧ ନ ଥିବାରୁ ଲୋକମାନେ ବ୍ୟାପକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖୁବ୍‌ଶୀଘ୍ର ବିଏସଏନ୍ଏଲ୍ ସହଯୋଗରେ ସେଠାରେ ସେବା ଯୋଗାଇ ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଏକୁଲ ବିଦ୍ୟାଳୟରେ ଚାଲିଥିବା ମ୍ୟାଲେରିଆ ଦମନ କାର୍ଯ୍ୟକ୍ରମ, ଅଙ୍ଗନୱାଡି କେନ୍ଦ୍ର, ସ୍କୁଲରେ ଶିକ୍ଷା ବ୍ୟବସ୍ଥା ନିରୀକ୍ଷଣ କରିଥିଲେ। ଶେଷରେ ପୁଙ୍ଗିପାଳରେ ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ, ଅଞ୍ଚଳବାସୀଙ୍କ ସର୍ବନିମ୍ନ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ଏଣିକି ନିୟମିତ ବ୍ୟବଧାନରେ ପ୍ରଶାସନିକ ଅଧିକାରୀ ଦୁର୍ଗମ ଅଞ୍ଚଳ ଗସ୍ତ କରି ଲୋକଙ୍କ ସୁଖଦୁଃଖ ବୁଝିବେ। ଏଥିଲାଗି ଯୋଜନା ପ୍ରସ୍ତୁତ କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଜିଲାପାଳଙ୍କ ସହିତ ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଡିଏଫ୍‌ଓ ପ୍ରକାଶ ଚାନ୍ଦ ଗୋଗିନେନି, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ସିଡିଏମ୍‌ଓ ସୁଜାତାରାଣୀ ମିଶ୍ର, ବିଡିଓ ବୁଲ୍‌ବୁଲ୍ ବେହେରା, ତହସିଲଦାର ରମେଶ ଜେନା, ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସ, ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ବେହେରା, ଉପଖଣ୍ଡ ଯୋଗାଣ ଅଧିକାରୀ ସଞ୍ଜୟ ସାହୁ, ବ୍ଲକ ଯୋଗାଣ ଅଧିକାରୀ ସୁନୀତା ବେହେରା, ରେଞ୍ଜର ସତ୍ୟନାରାୟଣ ସାହୁଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

- ଦୁର୍ଗମ ଅଞ୍ଚଳବାସୀଙ୍କ ସମସ୍ୟା ବୁଝିଲେ ଜିଲାପାଳ
- ଆରମ୍ଭ ହେଲା ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର


ଏକୁଲ ବିଦ୍ୟାଳୟ ପରିସରରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀମାନେ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରୁଛନ୍ତି।

